## ସଂକ୍ଷେପରେ

### ବିଧବାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ

**ଜୟପୁର,୧୦।୭(ଡି.ଏନ.ଏ.)-** ଜୟପୁର ବ୍ୟାଙ୍କ ଅଫ ବରୋଦାରେ ଜଣେ ବିଧବା ମହିଳା ଓ ତାଙ୍କ ପୁଅଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଛି । ଏନେଇ ବୁଧବାର ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି ।

ମାଦଳାସାହିର ଶୁକ୍ରି ସାନ୍ତା ଏବଂ ତାଙ୍କର ନାବାଳକ ପୁଅ ସୁଶାନ୍ତ ସାନ୍ତାଙ୍କର ବ୍ୟାଙ୍କ ଅଫ ବରୋଦା ଜୟପୁର ଶାଖାରେ ଦୁଇଟି ପୃଥକ ଜମା ଖାତା ରହିଛି । ହେଲେ ଶୁକ୍ରି ବ୍ୟାଙ୍କ ବଦଳରେ ବ୍ୟାଙ୍କର ଫ୍ରାଞ୍ଚାଇଜ ଭାବେ ସ୍ଥାନୀୟ ମାଦଳା ସାହି ଠାରେ କିଓସକୋ ବ୍ୟାଙ୍କ ସେବା କାର୍ଯ୍ୟାଳୟରେ ଜମାଖାତା ପ୍ରଦାନ କରିବା ସହିତ ଟଙ୍କା ନେଣଦେଣ କରୁଥିଲେ । ନିଜେ ଅଶିକ୍ଷିତ ଏବଂ ନାବାଳକ ପୁଅଙ୍କ ଅଭିଜ୍ଞତା ନ ଥିବା ଯୋଗୁଁ କିଓସକୋ ବ୍ୟାଙ୍କ କର୍ମଚାରୀଙ୍କ ଉପରେ ସେ ନିର୍ଭର କରୁଥିଲେ । ଶୁକ୍ରିଙ୍କ ଜମାଖାତାରୁ ଗତ ମେ ୨୪ ତାରିଖରୁ ନିୟମିତ ଭାବେ ଗତ ୯ ତାରିଖ ପର୍ଯ୍ୟନ୍ତ ପ୍ରାୟ ୮୦ ହଜାର ଟଙ୍କା ନଇଡା ପେଟିଏମ ମାଧ୍ୟମରେ ଉଠାଯାଇଥିବା ନେଇ ବ୍ୟାଙ୍କ ଜମାଖାତାରେ ଦର୍ଶାଯାଇଛି । ସେହିପରି ତାଙ୍କ ପୁଅ ସୁଶାନ୍ତଙ୍କ ଜମାଖାତାରୁ ଉପରୋକ୍ତ ତାରିଖ ଠାରୁ ଅଦ୍ୟାବଧି ୩୦ ହଜାର ଟଙ୍କା ଉଠାଯାଇଛି । ଶୁକ୍ରି ଏବଂ ତାଙ୍କ ପୁଅ ବୁଧବାର ବ୍ୟାଙ୍କକୁ ଯାଇ ଖାତା ଅପଟୁଡେଟ କରିବାରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ବ୍ୟାଙ୍କର ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ପରେ ବ୍ୟାଙ୍କ ପକ୍ଷରୁ ଉଭୟଙ୍କ ଜମାଖାତାରେ ରହିଥିବା ବଳକା ୧୮ ହଜାର ଟଙ୍କା ପ୍ରଦାନ କରାଯାଇ ଖାତାକୁ ଖାଲି କରାଯାଇଛି । ଏନେଇ ଶୁକ୍ରି ଥାନାରେ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ ବାଲେଶ୍ୱର ଗିଧି ତଦନ୍ତ ଆରମ୍ଭ କରିଛନ୍ତି ।

### ଝାଡ଼ାବାନ୍ତିରେ ମହିଳା ଆକ୍ରାନ୍ତ

**ଦଶମନ୍ତପୁର, ୧୦।୭ (ଡି.ଏନ୍.ଏ.)-** ରାୟଗଡ଼ା ଜିଲା କାଶୀପୁର ବ୍ଲକ କୋଚେଇପଦର ଗମ୍ଭାରୀଗୁଡାରେ ଝାଡ଼ାବାନ୍ତିରେ ପୁଣି ଜଣେ ଆକ୍ରାନ୍ତ ହୋଇଛନ୍ତି। ସେ ହେଲେ ମାଲେ ନାଚିକା (୩୫)। ସେ ୨ ଦିନ ହେଲା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

■ ୧୦ ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ଘଟଣା

# ମା' କୋଳକୁ ଫେରିଲା ଶିଶୁପୁତ୍ର, ୩ ଅଟକ

**ନବରଙ୍ଗପୁର,୧୦।୭(ବି.ପ୍ର)**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳରେ ୭ମାସର ଶିଶୁପୁତ୍ରକୁ ସୋମବାର ବାପା ବିକ୍ରି କରି ଦେଇଥିଲେ। ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରି ମା'ଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାର ତଦନ୍ତ କରି ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ସେମାନେ ହେଲେ ଝରିଗାଁ ବ୍ଲକ ବୁର୍ଜା ଗ୍ରାମର ରମେଶ ପଟ୍ଟନାୟକ, ନବରଙ୍ଗପୁର ସହର ଦଶହରାପଦା ସାହିର ନରେଶ ପଟ୍ଟନାୟକ, ଶିଶୁପୁତ୍ରର ବାପା ସଂଗ୍ରାମ ଲୋହରା। ରମେଶ ଶିଶୁପୁତ୍ରଙ୍କୁ ସଂଗ୍ରାମଙ୍କ ଠାରୁ ନେଇ ସମ୍ପର୍କୀୟ ନରେଶଙ୍କୁ ଦେଇଥିଲେ ।

ଉମରକୋଟ ବ୍ଲକ ପୂଜାରୀଗୁଡା ଗ୍ରାମର ସଂଗ୍ରାମଙ୍କ ଦୁଇଟି ଝିଅ ଏବଂ ଗୋଟିଏ ପୁଅ । ବୁର୍ଜା ଗ୍ରାମର ରମେଶ ତାଙ୍କ ସମ୍ପର୍କୀୟଙ୍କ ସକାଶେ ସଂଗ୍ରାମଙ୍କୁ ତାଙ୍କ ପୁଅ ଦେବା ପାଇଁ କହିଥିଲେ। ସୋମବାର ସଂଗ୍ରାମ ନିଜ ସ୍ତ୍ରୀ ସନବାରୀ ଏବଂ ୭ ମାସର ପୁଅ ପ୍ରଶାନ୍ତଙ୍କୁ ଧରି ଉମରକୋଟ ସ୍ଥିତ ମା' ପେଣ୍ଡ୍ରାଣୀ ମନ୍ଦିର ନିକଟକୁ ଆସିଥିଲେ। ସେଠାରେ ସନବାରୀଙ୍କ କୋଳରୁ ଜୋର ଜବରଦସ୍ତ ଶିଶୁପୁତ୍ରକୁ ସଂଗ୍ରାମ ଛଡାଇ ନେଇ ରମେଶଙ୍କୁ ହସ୍ତାନ୍ତର କରିଥିଲେ।ଏ ବାବଦକୁ ଦଶ ହଜାର ଟଙ୍କା ରମେଶ ଦେଇଥିଲେ ବୋଲି ସଂଗ୍ରାମ କହିଛନ୍ତି। ସୋମବାର ସନ୍ଧ୍ୟାରେ ସଂଗ୍ରାମ ଓ ସନବାରୀ ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତ ଡେଙ୍ଗାଗୁଡାରେ ଥିବା ଶ୍ୱଶୁର ଘରକୁ ଆସି ପୁଅ ପ୍ରଶାନ୍ତଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କହିଥିଲେ। ତେବେ ଉଭୟଙ୍କ


ଉଦ୍ଧାର ଶିଶୁ ସହ ମା'

କଥାରେ ତାଳମେଳ ନ ଥିବା ଯୋଗୁଁ ଶ୍ୱଶୁର ଘର ଲୋକ ସନ୍ଦେହ କରିଥିଲେ। ସନବାରୀଙ୍କୁ ତାଙ୍କ ବଡଭାଇ ଶୁକୁରାମ ଲୋହରା ମାଡ ମାରିଥିଲେ। ଏହାପରେ ସନବାରୀ ସବୁ ସତକଥା କହିଥିଲେ। ସଂଗ୍ରାମଙ୍କୁ କାବୁ କରି ଶ୍ୱଶୁର ଘର ଲୋକ ଘରେ ବାନ୍ଧି ଅଟକ ରଖିଥିଲେ। ଏହା ପରେ ସନବାରୀ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ.୧୨୮/୧୯ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଦଶହରାପଦା ସାହିରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। ଶିଶୁପୁତ୍ର କୋଳକୁ ଫେରି ଆସିଥିବାରୁ ମା' ସନବାରୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ଗଣମାଧ୍ୟମ ଯୋଗୁ ଶିଶୁପୁତ୍ରକୁ ଫେରି ପାଇଲି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶିଶୁପୁତ୍ରକୁ ଉଦ୍ଧାର କରି ମା'କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉଛି। ସଂଗ୍ରାମଙ୍କ ଠାରୁ କିଛି ଟଙ୍କା ଜବତ କରାଯାଇଛି।


ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗୋପାଳ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରାମ ଓ ବଳରାମ ବେଶ ।




■ ଲିଡ ବ୍ୟାଙ୍କ ମ୍ୟାନେଜର ଓ ଷ୍ଟେଟ ବ୍ୟାଙ୍କ ଜେନେରାଲ ମ୍ୟାନେଜରଙ୍କୁ ନିର୍ଦ୍ଦେଶ

# ବ୍ୟାଙ୍କରେ ର୍ୟାମ୍ପ, ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଉ

**ନବରଙ୍ଗପୁର,୧୦।୭(ବି.ପ୍ର.)**

ନବରଙ୍ଗପୁର ଜିଲାରେ ବ୍ୟାଙ୍କରେ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ ଓ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଉ ବୋଲି ଲିଡ ବ୍ୟାଙ୍କ ମ୍ୟାନେଜର ଓ ଷ୍ଟେଟ ବ୍ୟାଙ୍କ ଜେନେରାଲ ମ୍ୟାନେଜରଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ଦିବ୍ୟାଙ୍ଗମାନେ ବସିବା ଓ ସେମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବାପାଇଁ ନିୟମ ରହିଥିଲେ ମଧ୍ୟ ତାହା ନବରଙ୍ଗପୁର ଜିଲାରେ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ଜୁନ ୬ ତାରିଖରେ ଓ ୧୧ ତାରିଖରେ ନବରଙ୍ଗପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଠାରେ ଗ୍ରାହକଙ୍କ ଲମ୍ବା ଧାଡି ଲାଗି ରହିଥିଲା । ଯେଉଁଠିକି ଦିବ୍ୟାଙ୍ଗଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା । ଏହା ଅତି ବିଡମ୍ବନାର ବିଷୟ ବୋଲି ଜିଲା ଭିନ୍ନକ୍ଷମ ସଂଘର ସଭାପତି ସୁଜିତ କୁମାର ରଥ କହିଥିଲେ । କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ନାରିଗାଁ ନିକଟ ଚରାମୁଳା ଗାଁର ଫୁଲମଣି କୁଳଦୀପ(୫୦) ଜଣେ ଦିବ୍ୟାଙ୍ଗ ମହିଳା । ଟଙ୍କା ଆବଶ୍ୟକ ଥିବାରୁ ସେ ନବରଙ୍ଗପୁର ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କରେ ର୍ୟାମ୍ପ ବ୍ୟବସ୍ଥା ନଥିବା ଓ ହ୍ୱିଲ ଚେୟାର ବ୍ୟବସ୍ଥା ମଧ୍ୟ ନଥିଲା । ସେ ପାହାଚ ଚଢି ବ୍ୟାଙ୍କ ଭିତରକୁ ଯାଇ ପାରୁ ନଥିଲେ । ଏହି ସମୟରେ ଜିଲା ଭିନ୍ନକ୍ଷମ ସଂଘର ସଭାପତି ରଥ ତାଙ୍କ ପାସବୁକ ଅପଟୁଡେଟ କରାଇବା ପାଇଁ ବ୍ୟାଙ୍କକୁ ଯାଇଥିଲେ । ଫାଟକ ନିକଟରେ ଦିବ୍ୟାଙ୍ଗ ଫୁଲମଣିକୁ ଦେଖିଥିଲେ । ସୁଜିତଙ୍କ ସହାୟତାରେ ଫୁଲମଣି ବ୍ୟାଙ୍କ ଭିତରକୁ ଯାଇଥିଲେ । ଫୁଲମଣି ୮ ହଜାର ୪ଶହଟଙ୍କା ଉଠାବା ପାଇଁ ଫର୍ମ ପୂରଣ କରି ଦେଇଥିଲେ । ବ୍ୟାଙ୍କ କାଉଣ୍ଟରରେ ଧାଡିରେ ଆସିବାକୁ କୁହାଯାଇଥିଲା । ଏକଘଣ୍ଟା ପର୍ଯ୍ୟନ୍ତ ଲାଇନରେ ରହିବା ପରେ ସଭାପତି ରଥ କହିଥିଲେ ଯେ ଦିବ୍ୟାଙ୍ଗଙ୍କ ପାଇଁ ବ୍ୟାଙ୍କରେ କୌଣସି ସୁବିଧା କରାଯାଇ ନାହିଁ । ଦିବ୍ୟାଙ୍ଗ ମହିଳା ଜଣକ ଠିଆ ହୋଇ ପାରୁ ନାହାନ୍ତି । ପରିସ୍ଥିତି ଦେଖି ତାଙ୍କ କାମ ଶୀଘ୍ର କରିବାକୁ ଅନୁରୋଧ କରିଥିଲେ । ତଥାପି ବ୍ୟାଙ୍କର କେହି କର୍ମଚାରୀ ଶୁଣି ନଥିଲେ । ଏନେଇ ସଂଘର ସଭାପତି ରଥ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସଚିବଙ୍କ ନିକଟରେ ଜୁନ ୧୭ ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କେସ ନମ୍ବର ୭୮/୨୦୧୯ ରୁଜୁ କରି ନବରଙ୍ଗପୁର ଅଗ୍ରଣି (ଲିଡ)ବ୍ୟାଙ୍କ ମ୍ୟାନେଜର ନିର୍ଦ୍ଦେଶ ଦେଇଛନ୍ତି ଯେ, ବ୍ୟାଙ୍କରେ ର୍ୟାମ୍ପ ଓ ହ୍ୱିଇଲ ଚେୟାର ବ୍ୟବସ୍ଥା ନାହିଁ । ଦିବ୍ୟାଙ୍ଗମାନେ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ନବରଙ୍ଗପୁର ଷ୍ଟେଟ ବ୍ୟାଙ୍କରେ ଦିବ୍ୟାଙ୍ଗମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ଜିଲା ଭିନ୍ନକ୍ଷମ ସଂଘ ସଭାପତି ଅଭିଯୋଗ କରିଥିବା ଜଣାଇଛନ୍ତି । ବ୍ୟାଙ୍କ ମାନଙ୍କରେ ର୍ୟାମ୍ପ ଓ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା ସହ ବ୍ୟାଙ୍କ ସେବା କ୍ଷେତ୍ରରେ ସହଯୋଗ କରିବା ପାଇଁ ବ୍ୟାଙ୍କମାନଙ୍କୁ ସର୍କୁଲାର ଦେବାକୁ ଭୁବନେଶ୍ୱର ଚିଫ ଜେନେରାଲ ମ୍ୟାନେଜରଙ୍କୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ଜୟପୁରରେ ପ୍ରତିଷ୍ଠା ହେବ କୃଷକ ବଜାର

**ଜୟପୁର,୧୦।୭(ଡି.ଏନ.ଏ )**

ଜୟପୁର ସହରରେ ଏକ କୃଷକ ବଜାର ପ୍ରତିଷ୍ଠା ହେବ । ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହା ନିର୍ମାଣ କରାଯିବ। ଏଠାରେ ଆଦିବାସୀ କୃଷକମାନେ ସାମଗ୍ରୀ ବିକ୍ରି କରି ପାରିବେ । କୋରାପୁଟ ଜିଲା ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଆୟୋଜିତ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଆରଏମସି ଅଧ୍ୟକ୍ଷ ତଥା ଉପଜିଲାପାଳ ଲୋକନାଥ ଦଳବେହେରା ଅଧ୍ୟକ୍ଷତା କରିଥିଲେ । ସେହିପରି କୁନ୍ଦୁରା ବ୍ଲକ ପ୍ରଧାନୀପୁଟ ଏବଂ ବୋରିଗୁମ୍ମା ବ୍ଲକର ତୋରାଭଙ୍ଗା ଧାନ ମଣ୍ଡିର ନିର୍ମାଣ କାର୍ଯ୍ୟ କରାଯିବା ସହିତ ଉନ୍ନତୀକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଜୟପୁରଠାରେ କୃଷକମାନଙ୍କ ବୈଠକ, ସମ୍ମିଳନୀ ନିମନ୍ତେ ଏକ କୃଷକ ଭବନ ନିର୍ମାଣ କରାଯିବ । ଦୂରଦୂରାନ୍ତରୁ ଆସୁଥିବା କୃଷକ ମାନେ ଏଠାରେ ରାତ୍ରିଯାପନ କରି ପାରିବେ। ଏହି ବୈଠକରେ ଉପାଧ୍ୟକ୍ଷ ବାଲା ରାୟ , ଦେବେନ୍ଦ୍ର ବାହିନୀପତି, ନବୀନ ନାୟକ, ଗୋପାଳ ରାଓ, ତ୍ରିନାଥ ମୁଦୁଲି, ଶୁକୁରିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 67 of 2019**
**Syndicate Bank, Pokhariput Branch,**
Bhubaneswar, Dist.: Khurda ...Applicant
Versus
**Mohammed Shakill** ...Defendant
To
1. **Mohammed Shakill,** S/o: Mohammed Samsheer, C/o: M. Krushna Rao, HIG/115, Phase-I, Anant Vihar, Pokhariput, Bhubaneswar, Dist.: Khurda-751020

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 67/2019** in the Court of Debts Recovery Tribunal at Cuttack for a recovery of **Rs.21,25,142.72** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of June 2019.**
Sd/- Registrar
Debts Recovery Tribunal

■ ବାଇକ୍ ଦୁର୍ଘଟଣାଗ୍ରସ୍ତ

# ପ୍ରେମିକା ମୃତ, ପ୍ରେମିକ ଗୁରୁତର

ଲମତାପୁଟ, ୧୦।୭ (ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ମାଛକୁଣ୍ଡ ରାସ୍ତାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରେମିକାଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରେମିକ ଗୁରୁତର ହୋଇଛନ୍ତି। ମୃତକ ହେଲେ କୌଶଲ୍ୟା କ୍ରିଶାନୀ। ଖବରପାଇ କୌଶଲ୍ୟାଙ୍କ ପରିବାର ଲୋକେ ହସପିଟାଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ । ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଶାନ୍ତ ପଡ଼ିଥିଲେ। ଲମତାପୁଟ ପଞ୍ଚାୟତର ମାଳିସାହିର ଧନୁର୍ଜ୍ୟୟ କ୍ରିଶାନୀ ଓ ଜଲାହଞ୍ଜି ପଞ୍ଚାୟତ ଆଙ୍ଗଲପଡା ଗ୍ରାମର କୌଶଲ୍ୟାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ଉଭୟେ ଏକ ବାଇକ୍‌ରେ ମଙ୍ଗଳବାର ରାତି ୧୧ଟାରେ ଆଙ୍ଗଲପଡ଼ା ଗ୍ରାମରୁ ଲମତାପୁଟ ଅଭିମୁଖେ ଫେରୁଥିଲେ। ଜାଙ୍ଗ୍ରୀଗୁଡା ନିକଟ ବ୍ରିଜ୍ ପାଖରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କୌଶଲ୍ୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଧନୁର୍ଜ୍ୟୟଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଲମତାପୁଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ କୌଶଲ୍ୟାଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଲମତାପୁଟ ଫାଣ୍ଡିରେ ଏତଲା ଦେଇଛନ୍ତି । ପରିବାର ଲୋକେ ହଟଗୋଳ କରୁଥିବା ନେଇ ବୁଝାଶୁଝା କରି ପୋଲିସ ତଦନ୍ତ ଚାଲୁ ରହିଥିବା କହିଛି।

### କଲୋନୀରେ ବୁଲୁଛି ଭାଲୁ

**ନବରଙ୍ଗପୁର, ୧୦।୭ (ବି.ପ୍ର)-** ନବରଙ୍ଗପୁର ସହର ୱାର୍ଡ ନଂ ୧ ଜମାଲ କଲୋନୀ ଓ ପୂଜାରିଗୁଡା ପଞ୍ଚାୟତର କୁସୁମୀ ଗାଁରେ ୨ ଦିନ ଧରି ଭାଲୁ ବୁଲୁଥିବାର ଦେଖି ଲୋକମାନେ ଭୟଭୀତ ହୋଇ ପଡିଛନ୍ତି। ବୁଧବାର ରାତିରେ ଭାଲୁଟି ଜମାଲ କଲୋନୀର ଅନ୍ନପୂର୍ଣ୍ଣା ନଗରରେ ରହିଥିବାର ଲୋକମାନେ କହିଛନ୍ତି। ଭାଲୁ ଭୟରେ ଲୋକମାନେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଗୁରୁବାର ବନ ବିଭାଗରେ ଜଣାଇବେ ବୋଲି କଲୋନୀ ବାସିନ୍ଦା କହିଛନ୍ତି।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 72 of 2019**
**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant
Versus
**Bichitrananda Mohapatra and others** ...Defendants
To
1. **Mr. Bichitrananda Mohapatra,** S/o: Late Brundaban Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
2. **Mr. Ramesh Nayak,** S/o: Late Raghunath Nayak, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
3. **Mr. Bhanja Sekhar Mohapatra,** S/o: Bichitrananda Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 72/2019** in the Court of Debts Recovery Tribunal at Cuttack for a recovery of **Rs.44,69,518.79** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **8th day of July 2019.**
Sd/- Registrar
Debts Recovery Tribunal

## ମନେ ପଡ଼ନ୍ତି

**ଶ୍ରାଦ୍ଧ ଉପଲକ୍ଷେ**



**ସ୍ୱର୍ଗତା ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ତିନି ବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ।
ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
**ଶୋକସନ୍ତପ୍ତ:**
**ପରିବାରବର୍ଗ**
ଧ-୧୩୩୫୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଉର୍ମିଳା ଦେବୀ**
(ମାଗୁଣୀ)
ତିରୋଧାନ: ୦୨।୦୭।୨୦୧୭
(ଆଷାଢ଼ ଶୁକ୍ଳ ନବମୀ)
ମାମା, ତୁ ଯେଉଁଠି ଅଛୁ ଭଲରେ ରହ। ତୋ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ସହ:**
ଝିଅ, ଜ୍ୱାଇଁ, ବୋହୂ, ନାତି ଓ ନାତୁଣୀ ।
ଧ-୧୩୩୫୮

**ଏକାଦଶାହ ଅବସରରେ**



**ସ୍ୱର୍ଗତ ଭୁବନାନନ୍ଦ ଜେନା**
ଆବିର୍ଭାବ: ୦୮।୧୦।୧୯୬୧
ତିରୋଧାନ: ୦୨।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସୋମନାଥ ଜେନା (ପୁତ୍ର)
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୫୯





ଦାମନଯୋଡ଼ିରେ ଠାକୁରଙ୍କ ପର୍ଶୁରାମ ବେଶ।



ଜୟପୁରରେ ରାମ ବଳରାମ ବେଶରେ ସଜ୍ଜିତ ଶ୍ରୀଜୀଉ।



କୋଟପାଡରେ ପ୍ରଭୁଙ୍କ ରାମ ବଳରାମ ବେଶ।

## ସଂକ୍ଷେପରେ

### ଗୋପୀନାଥ ମହାପ୍ରଭୁଙ୍କ ସିଂହାସନ ଆରୋହଣ



ଦାମନଯୋଡ଼ି, ୧୦।୭ (ଡି.ଏନ୍.ଏ.): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀମପୁର ଶାସନରେ ଗୋପୀନାଥ ମହାପ୍ରଭୁଙ୍କ ସିଂହାସନ ଆରୋହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରକୁ ଶହେ ବର୍ଷ ପୂରିଛି। ଏହି ଅବସରରେ ମନ୍ଦିର ମରାମତି କରାଯାଇ ପୁନଃ ଠାକୁରଙ୍କ ସିଂହାସନ ଆରୋହଣ କରାଯାଇଛି। ଏଥିଲାଗି ହୋମ, ଯଜ୍ଞ, ନବଗ୍ରହ , ମାତୃଗଣ, ବାସ୍ତୁ , ବିଶ୍ୱକର୍ମା ପୂଜା ସହ ବିଗ୍ରହଙ୍କ ମହାସ୍ନାନ କରାଯାଇଥିଲା। ବ୍ରାହ୍ମଣମାନେ ସାମୂହିକ ବେଦପାଠ, ନାମ ସଂକୀର୍ତ୍ତନ, ପୂଜା କାର୍ଯ୍ୟ ଆଦି କରିଥିଲେ। ମୁଖ୍ୟ ପୁରୋହିତ ପଣ୍ଡିତ ଅଜିତ୍ କୁମାର ରଥ, ନାରାୟଣ ଦାଶ, ଜଗଦୀଶ ରଥ ପୂଜା କାର୍ଯ୍ୟ ତୁଲାଇଥିଲେ। ଏଥିରେ ନବୀନ କୁମାର ରଥ, ଭାସ୍କର ଦାସ, ରଞ୍ଜନ ରଥ, ମୁକୁନ୍ଦ ରଥ, ଶିବପ୍ରସାଦ ମିଶ୍ର, ନୀଳାଞ୍ଚଳ ରଥ ପ୍ରମୁଖ ସହଯୋଗ କରିଥିଲେ।

### ବିଭିନ୍ନ ସମସ୍ୟା ନେଇ ଆଲୋଚନା

ଜୟପୁର ୧୦।୭ (ନି.ପ୍ର): ଜୟପୁରର ବିଭିନ୍ନ ସସମ୍ୟା ନେଇ ଭାଜପାର ଏକ ପ୍ରତିନିଧି ଦଳ ପୌର ଅଧିକାରୀଙ୍କ ସହ ଆଲୋଚନା କରିଛି। ଜୟପୁର ନିକଟସ୍ଥ ସୁକିଆଗୁଡା ଗ୍ରାମର ଲୋକଙ୍କ ସହ ଉକ୍ତ ପ୍ରତିନିଧି ଦଳ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରୀ ଗୋପୀନାଥ ସାରକାଙ୍କୁ ଭେଟି ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ଜୟପୁର ବ୍ଲକ ଅଫିସକୁ ଯାଇ ବିଡିଓଙ୍କୁ ସାକ୍ଷାତ କରିଥିଲେ। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କେତେ ହିତାଧିକାରୀଙ୍କୁ ଘର ମିଳିଛି ଓ କେତେ ଘର ମିଳିବ ସେନେଇ ପଚାରି ବୁଝିଥିଲେ। ଶେଷରେ ସାଉଥ୍‌କୋ ନିର୍ବାହୀ ଅଧିକାରୀଙ୍କ ସହ ଉକ୍ତ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ ମିଳିଥିବା ସାମୂହିକ ପାଇଖାନାରେ ବିଦ୍ୟୁତୀକରଣ ଶୀଘ୍ର କରିବା ପାଇ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ଭାଜପାର ଗୌତମ ସାମନ୍ତରାୟ, ବୈଦ୍ୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ଅଧାପନ୍ତରିଆ ପଡ଼ି ରହିଛି ଅଡିଟୋରିୟମ

# ଅଗଷ୍ଟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

କୋରାପୁଟ,୧୦।୭(ସ୍ୱ.ପ୍ର)

କୋରାପୁଟ ଅଡ଼ିଟୋରିୟମ କାର୍ଯ୍ୟ ଦୀର୍ଘ ୨ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଏହି କାର୍ଯ୍ୟ ଅଗଷ୍ଟ ଶେଷ ସୁଦ୍ଧା ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ରାଜ୍ୟ ସହରାଞ୍ଚଳ ଉନ୍ନୟନ ବିଭାଗର ଡିଭୋଲେସନ ପାଣ୍ଠିରୁ ଏହି କାର୍ଯ୍ୟ ଶେଷ ହେବ। ଏଥିନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ୧୯ ଲକ୍ଷ ୯୫ ହଜାର ଟଙ୍କା ଆସିଥିବା କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣାଯାଇଛି। ୨୦୧୫-୨୦୧୬ରେ କୋରାପୁଟ ସହରରେ ଏକ ଅଡିଟୋରିୟମ ତଥା ସଂସ୍କୃତି କେନ୍ଦ୍ର ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦ ଲକ୍ଷ ଟଙ୍କା କୋରାପୁଟ ମ୍ୟୁନିସିପାଲିଟିକୁ ଆସିଥିଲା। ୨୦୧୬-୧୭ ରେ କୋରାପୁଟ ସହରର ଗ୍ୟାରେଜ ଲାଇନ ନିକଟରେ ଏହି ଅଡିଟୋରିୟମ ନିର୍ମାଣ ପାଇଁ ତହସିଲ ପକ୍ଷରୁ ପ୍ରାୟ ୮ ଡିସିମିଲ ସ୍ଥାନ ଯୋଗାଇ ଦିଆଯାଇଥିଲା। ୨୦୧୬ରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ୨୦୧୭ ମାର୍ଚ୍ଚ ସୁଦ୍ଧା କେବଳ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବକେୟା ଅନୁଦାନ ଆସି ନ ଥିବାରୁ ଅଡିଟୋରିୟମର ବହୁ ଆନୁଷଙ୍ଗିକ କାର୍ଯ୍ୟ ୨ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ି ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ଗୃହର ସମସ୍ତ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ସହରାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୯ ଲକ୍ଷ ୯୫ ହଜାର ଟଙ୍କା ଅନୁଦାନ ଆସିଥିବା କୋରାପୁଟ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଟଙ୍କାରେ ଅଡିଟୋରିୟମର ବିଦ୍ୟୁତୀକରଣ ପାଇଁ ୩ ଫେଜ ଲାଇନ ସହ ଏସି ଓ ଫ୍ୟାନ ଲଗାଯିବ। ଏଥିସହ ବିଭିନ୍ନ କାର୍ଯ୍ୟ ନିମନ୍ତେ ଜିଇଡି ବିଭାଗକୁ ୩ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଗୃହରେ ଭିନ୍ନକ୍ଷମ ଯିବା ପାଇଁ ଏକ ର୍ୟାମ୍ପ ନିର୍ମାଣ, ଷ୍ଟିଲ ବାରିକେଟ ବ୍ୟବସ୍ଥା, ଟାଇଲ ପକାଯିବା ସହିତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ କରାଯିବ। ଏହି କେନ୍ଦ୍ରରେ ଏକାଥରେ ପ୍ରାୟ ୨ଶହ ଲୋକ ବସିବା ବ୍ୟବସ୍ଥା ଲକ୍ଷ୍ୟ ରଖାଯାଇଛି। ଏନେଇ କୋରାପୁଟ ମ୍ୟୁନିସିପାଲିଟି ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କୁ ପଚାରିବାରୁ, ବର୍ତ୍ତମାନ ଅଡିଟୋରିୟମର ଏହି ବକେୟା କାର୍ଯ୍ୟ ନିମନ୍ତେ ଟେଣ୍ଡର କରାଯାଇ ସ୍ଥାନୀୟ ଏକ ଠିକାସଂସ୍ଥାକୁ ୱାର୍କ ଅର୍ଡର ପ୍ରଦାନ କରାଯାଇଛି। ଆସନ୍ତା ସୋମବାରରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇ ଅଗଷ୍ଟ ୩୧ ସୁଦ୍ଧା ଶେଷ କରିବାକୁ କୁହାଯାଇଛି।



ଅଧାପନ୍ତରିଆ ଅବସ୍ଥାରେ ଥିବା ଅଡିଟୋରିୟମ୍।

■ ଚାକିରି ପାଇବା ଆଶା

# ଠକାମିର ଶିକାର ହେଲେ ଯୁବତୀଯୁବକ

କୋରାପୁଟ,୧୦।୭(ସ୍ୱ.ପ୍ର)

ଚାକିରି ପାଇବା ଆଶାରେ ଭୁବନେଶ୍ୱରସ୍ଥିତ ଏକ ସଂସ୍ଥାକୁ ଲକ୍ଷାଧିକ ଟଙ୍କା ଦେଇ କୋରାପୁଟ ଜିଲାର ଶତାଧିକ ଯୁବତୀଯୁବକ ଶୋଷଣର ଶିକାର ହୋଇଛନ୍ତି। ଏନେଇ ବୁଧବାର ଠକାମିର ଶିକାର ହୋଇଥିବା ଏସ ଜନାର୍ଦ୍ଦନ ଚୌଧୁରୀ, ଦେବାଶିଷ ରାଉତ, ମନୋରଞ୍ଜନ ଦାବି, ରାଜଗୁରୁ ଦାସ ପ୍ରମୁଖ ପ୍ରଶାସନର ଦ୍ୱାରସ୍ଥ ହେବାକୁ ଆସିଥିଲେ। ହେଲେ ଜିଲାପାଳ ଅନୁପସ୍ଥିତ ଥିବାରୁ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ସନସିଡ ଆଗ୍ରୋ ଲିମିଟେଡ ନାମକ ଏକ ସଂସ୍ଥା ଜିଲାରେ କୃଷିର ଉନ୍ନତି , କୃଷକକୁ ସାର ପ୍ରଦାନ, ଡଙ୍ଗର ଜମିର ପୁନରୁଦ୍ଧାର କରି ସେଥିରେ ଚାଷ ଉପଯୋଗୀ କରିବା, ଅମଳ କୃଷିଜାତ ଦ୍ରବ୍ୟର ବଜାରୀକରଣ ଆଦି ବିଭିନ୍ନ ପ୍ରତିଶ୍ରୁତି ଦେଇ କୋରାପୁଟ ଜିଲାର ୨ଶହରୁ ଉର୍ଦ୍ଧ୍ୱ ବେକାର ଯୁବତୀଯୁବକମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡପ କରିଛି। ଜଣକ ପିଛା ୫ ହଜାରରୁ ୨୦ ହଜାର ଟଙ୍କା ଗତ ଜାନୁୟାରୀରେ ସଂସ୍ଥା ନିର୍ଦ୍ଦେଶକ ଭୀମସେନ ଭତ୍ରାଙ୍କୁ ପ୍ରଦାନ କରିଥିଲେ। ଟଙ୍କା ଦେଇ ପ୍ରାୟ ୬ ମାସ ଅପେକ୍ଷା କରିବା ପରେ ମଧ୍ୟ କୌଣସି ଚାକିରି ମିଳିଲା ନାହିଁ। ତେଣୁ ବାଧ୍ୟ ହୋଇ ସେମାନେ ବୁଧବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ଜିଲାପାଳ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଏହି ଅଭିଯୋଗ କରିଥିଲେ। ଏନେଇ ସଂପୃକ୍ତ ସଂସ୍ଥା ନିର୍ଦ୍ଦେଶକ ଭତ୍ରାଙ୍କୁ ବାରମ୍ବାର ଫୋନ କରାଯାଇଥିବାବେଳେ ମଧ୍ୟ ସେ ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ଏହି ସଂସ୍ଥା ଜିଲାର କୃଷିର ଉନ୍ନତି ଓ କୃଷକମାନଙ୍କୁ ଉଚିତ ମୂଲ୍ୟରେ ସାର ଯୋଗାଇବା ନେଇ ଜିଲାରେ ଜଣେ ସଂଯୋଜକ, ସମସ୍ତ ୧୪ ବ୍ଲକରେ ବ୍ଲକ ସଂଯୋଜକ ଓ ଜିଲାର ସମସ୍ତ ୨୪୦ ପଞ୍ଚାୟତରେ ପଞ୍ଚାୟତ ସଂଯୋଜକମାନଙ୍କୁ ନିଯୁକ୍ତି ଦେବା ନେଇ ଏହି ଟଙ୍କା ହଡ଼ପ କରାଯାଇଛି।

# ବିରୋଧ ଯୋଗୁଁ ବନ୍ଦ ରହିଲା ଜବରଦଖଲ ଉଚ୍ଛେଦ



ଜବରଦଖଲ କରି କରାଯାଇଥିବା ଦୋକାନ।

ଜୟପୁର,୧୦।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ଖ୍ରୀଷ୍ଟିୟାନ ସାହିସ୍ଥିତ ପଶୁଧନ ଚିକିତ୍ସାଳୟ ପରିସରରେ ବୁଧବାର ବିରୋଧ ଯୋଗୁ ଜବରଦଖଲ ଉଚ୍ଛେଦ ବନ୍ଦ ରହିଛି। ପଶୁଧନ ଚିକିତ୍ସାଳୟ ପରିସରରେ ବିଭାଗ ପକ୍ଷରୁ ଅତ୍ୟାଧୁନିକ କୁକୁଡା ମାଂସ ବିକ୍ରୟ କେନ୍ଦ୍ର ଶୁଭାରମ୍ଭ ନେଇ ପ୍ରସ୍ତୁତି ଶେଷ ହୋଇଛି। କିନ୍ତୁ ଉକ୍ତ ଷ୍ଟଲ ସମ୍ମୁଖରେ କେତେକ ବ୍ୟବସାୟୀ ଜବରଦଖଲ କରି ଦୋକାନ ଖୋଲିଛନ୍ତି। ଏହାକୁ ଉଚ୍ଛେଦ କରିବା ନିମନ୍ତେ ତହସିଲଦାର ତଥା ମାଜିଷ୍ଟ୍ରେଟ ମାତାରାମ ଲିଆଙ୍ଗିଙ୍କ ନେତୃତ୍ୱରେ ପୌରସଂସ୍ଥା କର୍ମଚାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଜବରଦଖଲକାରୀଙ୍କ ପ୍ରବଳ ବିରୋଧ ଯୋଗୁଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ଏଠାରେ ପାନ ଦୋକାନ କରିଥିବା ଶଶିରାଜ ମହୁରିଆ ଏବଂ ଚା ଦୋକାନୀ ସାଲିମି ପ୍ରିୟା ନାଗ କହିଛନ୍ତି ଯେ, ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏଠି ଦୋକାନ କରି ପରିବାର ଚଳାଉଛୁ। ଆମକୁ ଅନ୍ୟ କୌଣସି ସ୍ଥାନରେ ଥଇଥାନ କରି ଉଚ୍ଛେଦ କରାଯାଉ ବୋଲି ଦାବି କରିଛନ୍ତି। ଆବଶ୍ୟକ ପୋଲିସ ନ ଥିବା ଯୋଗୁଁ ଜବରଦଖଲ ଉଚ୍ଛେଦ ହୋଇପାରି ନ ଥିବା ନେଇ କେତେକ କର୍ମଚାରୀ ପ୍ରକାଶ କରିଛନ୍ତି। ମାତ୍ର ୨ରୁ ୩ଟି ଦୋକାନ ଉଚ୍ଛେଦ ନେଇ ଜବରଦଖଲ ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ ଜୟପୁର-ବୋରିଗୁମ୍ମା ମଧ୍ୟରେ ୧୦୦ କୋଟି ଟଙ୍କାରେ ପ୍ରଶସ୍ତୀକରଣ ହେବାକୁ ଥିବା ଜାତୀୟ ରାଜପଥ ଜୟପୁର, ଉମୁରୀ, ରଣ୍ଡାପାଲି, ଆମ୍ବାଗୁଡା, କୁମୁଲିପୁଟ ଗ୍ରାମରେ ଜବରଦଖଲ ଉଚ୍ଛେଦ ହେବା ନେଇ ଆଶଙ୍କା ଦେଖାଦେଇଛି।

## ହିତାଧିକାରୀଙ୍କୁ ମିଳିବ ଚାଉଳ, ମାଣ୍ଡିଆ

ଜୟପୁର,୧୦।୭(ଡି.ଏନ.ଏ )

ରାଜ୍ୟର ୭ଟି ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା (ଏନଏଫଏସଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା (ଏସଏଫଏସଏସ) ଆଇନ କାର୍ଡଧାରୀଙ୍କୁ ଜୁଲାଇରୁ ଚାଉଳ ସହିତ ମାଣ୍ଡିଆ ପ୍ରଦାନ କରିବାକୁ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ଜିଲା ନିମନ୍ତେ ୩୬୭୬.୯୪ କୁଇଣ୍ଟାଲ ମାଣ୍ଡିଆ ପ୍ରଦାନ କରିବାକୁ ମଞ୍ଜୁର କରାଯାଇଛି। ଜିଲାରେ ଏନଏଫଏସଏରେ ୩ ଲକ୍ଷ ୩୯ହଜାର ୯୩୨ଜଣ ଏବଂ ଏସଏଫଏସଏସ ରେ ୨୭ ହଜାର ୭୬୨ଜଣ ଏହିପରି ସମୁଦାୟ ୩ ଲକ୍ଷ ୬୭ ହଜାର ୬୯୪ ଜଣ କାର୍ଡଧାରୀ ରହିଛନ୍ତି। ପ୍ରତ୍ୟେକ କାର୍ଡଧାରୀଙ୍କୁ ୧ କିଲୋ ମାଣ୍ଡିଆ ଏକ ଟଙ୍କାରେ ପ୍ରଦାନ କରାଯିବ। କୋରାପୁଟ ଜିଲାରେ ୮୯୦୪.୬୯ କୁଇଣ୍ଟାଲ ମଣ୍ଡି ଉତ୍ପାଦନ ହୋଇଥିବା ବେଳେ କାର୍ଡଧାରୀ ପିଛା ପ୍ରତ୍ୟେକ ୧ କିଲୋଗ୍ରାମ ପ୍ରଦାନ କରାଗଲେ ସୁଦ୍ଧା ବାକି ୫୨୨୭.୭୫ କୁଇଣ୍ଟାଲ ବଳକା ରହିବ। କୋରାପୁଟ, ରାୟଗଡା, କନ୍ଧମାଳ, ଗଜପତି, କଳାହାଣ୍ଡି, ନୂଆପଡା ଜିଲାର ହିତାଧିକାରୀଙ୍କୁ ପ୍ରତ୍ୟେକ ଏକ କିଲୋ ଏବଂ ମାଲକାନଗିରି ଜିଲାରେ କାର୍ଡଧାରୀଙ୍କୁ ୨ କିଲୋ ମାଣ୍ଡିଆ ପ୍ରତ୍ୟେକ ମାସରେ ପ୍ରଦାନ କରାଯିବ।

# ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରାମ ବଳରାମ ବେଶ

କୋରାପୁଟ,୧୦।୭(ସ୍ୱ.ପ୍ର)



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବୁଧବାର ଶ୍ରୀଜୀଉଙ୍କୁ ରାମ ବଳରାମ ବେଶରେ ସଜ୍ଜିତ କରାଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଏହାକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପୂର୍ବାହ୍ନରେ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯିବା ପରେ ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ଅନ୍ନ ଭୋଗ କରାଯାଇଥିଲା। ପରେ ପହଡ ପକାଯାଇ ଅପରାହ୍ନରେ ଠାକୁରଙ୍କୁ ରାମ ବଳରାମ ବେଶରେ ସଜ୍ଜା ଯାଇଥିଲା। ସନ୍ଧ୍ୟା ୬ଟାରେ ଭକ୍ତମାନଙ୍କ ନିମନ୍ତେ ମନ୍ଦିର ଖୋଲାଯାଇଥିଲା। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ରାତିରେ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ୧୫ରୁ ମଧ୍ୟାହ୍ନଭୋଜନ ହେବ ଯାଞ୍ଚ

ଜୟପୁର,୧୦।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର, କୋରାପୁଟ, ସୁନାବେଡ଼ା, କୋଟପାଡ ସହରାଞ୍ଚଳ ଏବଂ ଜୟପୁର ବ୍ଲକର ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଏକ ଘରୋଇ ସଂସ୍ଥା ପକ୍ଷରୁ ସ୍ଥାନୀୟ ରଣ୍ଡାପାଲି ଗ୍ରାମଠାରେ କେନ୍ଦ୍ରୀୟ ରୋଷେଇ ଶାଳାରେ ପ୍ରସ୍ତୁତ କରାଯାଇ ପଠାଯାଇଥାଏ। କିନ୍ତୁ ଏଥିରେ ବାରମ୍ବାର ଅଣ୍ଡାରେ ପୋକ, ଡାଲି ଏବଂ ଭାତରେ ଗୋଡି ବାହାରିବା ନେଇ ଅଭିଯୋଗ ହୋଇଥିଲା। ଏଥିନେଇ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଆସନ୍ତା ୧୫ ତାରିଖଠାରୁ ପ୍ରତ୍ୟେକ ଦିନ କେନ୍ଦ୍ରୀୟ ରୋଷେଇ ଶାଳାକୁ ଜଣେ ଅଧିକାରୀ ଯାଇ ମଧ୍ୟାହ୍ନଭୋଜନକୁ ଯାଞ୍ଚ କରିବେ। ପରେ ଏହାକୁ ବିଦ୍ୟାଳୟଗୁଡିକକୁ ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ତାରିଖରେ ଜୟପୁର ବିଇଓ ସରୋଜିନୀ ଦଣ୍ଡସେନା ରୋଷେଇଶାଳାକୁ ଯାଇ ଯାଞ୍ଚ କରିବେ। ଏହିପରି ପ୍ରତ୍ୟେକ ଦିନ କେଉଁ ଅଧିକାରୀ ଯାଞ୍ଚ କରିବାକୁ ଯିବେ ତାହାର ଏକ ସୂଚୀ ପ୍ରସ୍ତୁତ କରାଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକର ଶିକ୍ଷାଧିକାରୀ, ସହକାରୀ ଶିକ୍ଷାଧିକାରୀ, ସିଆରସିସି, ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି।

# ଲୋକଙ୍କ ସମସ୍ୟା ବୁଝିଲେ ମନ୍ତ୍ରୀ

କୁନ୍ଦୁରା, ୧୦।୭ (ଡି.ଏନ୍.ଏ.)



ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତ କରିଛନ୍ତି। ସେ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବାଣ୍ଟିବା ସହ ବନ ବିଭାଗ ଦ୍ୱାରା ପରିଚାଳିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ। ଜଗନ୍ନାଥ ମନ୍ଦିର କଲ୍ୟାଣମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏଏସ୍‌ଏନ୍‌ଏ, ବାଗ୍‌ଦେରୀ, ବଙ୍ଗଗୁଡା, ଭୁସନଗୁଡା, ଡଙ୍ଗରପାଉଁଶି, ଦିଗପୁର, ଘୁମର, କେରିମିଟି, କୁନ୍ଦୁରା, ଲିମା, ମାସିଗାଁ, ରାନିଗୁଡା , ଗୁଡାଲ , ଫୁପଗାଁ ଏବଂ ପକନଗୁଡାର ବହୁ ହିତାଧିକାରୀଙ୍କୁ ଏହି ଭତ୍ତା ବଣ୍ଟନ କରିଥିଲେ। ଏହାପରେ ମନ୍ତ୍ରୀ ଦିଆନ ଶହୀଦ୍ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ, ଭୁବନଠାରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶହୀଦ ଲକ୍ଷ୍ମଣ ନାୟକ ଏବଂ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଚାରାରୋପଣ କରିଥିଲେ। ଏହାପରେ କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। କେତେକ ଉଚ୍ଚ ବିଦ୍ୟାଳୟକୁ ଦିଆଯାଉଥିବା ଚାଉଳ ଗତ ଏପ୍ରିଲରୁ ବନ୍ଦ କରି ଦିଆଯାଇଥିବା ନେଇ ଡେଞ୍ଜର ପ୍ୟାନେଲ, ଲାଛନଗୁଡା ଏବଂ ଖଟଲାପଦର ବିଦ୍ୟାଳୟର ପ୍ରଧାନଶିକ୍ଷକ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଏଯାବତ୍ ମିଳି ନ ଥିବା କହିଥିଲେ। ନବଗଠିତ ପଖନଗୁଡା ଗ୍ରାମପଞ୍ଚାୟତରେ ଗରିବ ଦଳିତ ଲୋକେ ଦୀର୍ଘ ୧୦ ବର୍ଷ ହେବ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ୨୦୧୧ ରେ ଏସ୍‌ଇସିସି ସର୍ଭେ ସମୟରେ ଦଳିତ ଲୋକଙ୍କୁ ଓସିରେ ତାଲିକାଭୁକ୍ତ କରାଯାଇଥିବାବେଳେ କିଛି ଲୋକ ବିଡ଼ିଓ କାର୍ଯ୍ୟାଳୟରେ ପାଟିତୁଣ୍ଡ କରିଥିଲେ। ଦୀର୍ଘ ୮ ବର୍ଷ ପରେ ମଧ୍ୟ ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଏଭଳି ସମସ୍ୟାର ସମାଧାନ କରୁ ନ ଥିବା ଏବିଡିଓ ମାଧୁରୀ ଆଚାରୀ ସ୍ୱୀକାର କରିଛନ୍ତି।

■ ଭଲ ଫସଲ,ରୋଗରୁ ମୁକ୍ତି

# ଆଦିବାସୀ ପାଳିଲେ ବଉଳାନୀ ଯାତ୍ରା

ଜୟପୁର,୧୦।୭(ନି.ପ୍ର)



ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଭଲ ଫସଲ ଓ ବିଭିନ୍ନ ରୋଗରୁ ମୁକ୍ତି ଲାଗି ଆଦିବାସୀମାନେ ପାଳନ କରିଛନ୍ତି ବଉଳାନୀ ଯାତ୍ରା। ୧୨ ମାସରେ ୧୩ ଯାତ୍ରା ପରି ବଉଳାନୀ ଯାତ୍ରା ଅନ୍ୟତମ। ଏହି ଯାତ୍ରା ଆଦିବାସୀଙ୍କ ମୁଖ୍ୟ ଯାତ୍ରା ହୋଇଥିବାରୁ ଏହାକୁ ନିଷ୍ଠାର ସହ ପାଳନ କରିଥାନ୍ତି। ଏହି ଯାତ୍ରା ପାଳନ ନ କରିବା ଯାଏ ଗ୍ରାମବାସୀ ନିଜକୁ ଓ ଗ୍ରାମକୁ ସୁରକ୍ଷିତ ମନେ କରନ୍ତି ନାହିଁ। ବିଭିନ୍ନ ଅଦୃଶ୍ୟ ଶକ୍ତିରି ପାଦୁର୍ଭାବରୁ ରକ୍ଷା ପାଇବା ସହ ଗ୍ରାମ ଦେବୀଙ୍କ ଆଶୀର୍ବାଦ ପାଇବା, ସୁସ୍ଥ ଜୀବନ ନିମନ୍ତେ ଏହି ଯାତ୍ରାର ବହୁତ ମହତ୍ତ୍ୱ ରହିଛି। ପରିବାର ତଥା ଗ୍ରାମର ମଙ୍ଗଳପାଇ ଆଦିବାସୀମାନେ ଏହି ଯାତ୍ରା ପାଳନ କରିଥାନ୍ତି। ରଥ ଯାତ୍ରାର ୯ ଦିନ ମଧ୍ୟରେ ଆଦିବାସୀ ପରମ୍ପରା ଅନୁଯାୟୀ ଏହା ପାଳନ କରାଯାଇଥାଏ। ଏହା ଆଦିବାସୀ ରଥ ଯାତ୍ରା ବୋଲି ମଧ୍ୟ କୁହାଯାଇଥାଏ। ଏହି ଯାତ୍ରା କୋରାପୁଟ ଜିଲାର ପ୍ରାୟ ସବୁ ଗ୍ରାମରେ ପାଳିତ ହୋଇଥାଏ। ଆଦିବାସୀମାନେ ଏକ ଛୋଟ ରଥ ତିଆରି କରି ଏହାକୁ ସୁସଜ୍ଜିତ କରିଥିଲେ। ଏହାକୁ ଗ୍ରାମଦେବୀଙ୍କ ନିକଟରେ ରଖି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଗ୍ରାମବାସୀ ସ୍ୱତନ୍ତ୍ର ଭୋଗରାଗ ଲଗାଇଥାନ୍ତି। ଏଥିରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ସହ ଅଣ୍ଡା ଓ ଫଳ ପନିପରିବା ରହିଥାଏ। ଏହି ଯାତ୍ରାରେ କୁକୁଡ଼ା, ଛେଳି , ମେଣ୍ଢା , ଘୁଷୁରି ବଳି ଦିଆଯାଇଥିଲା। ଶେଷରେ ବାଜା ବାଜଣା ସହ ଗ୍ରାମବାସୀ ଏହି ରଥକୁ ଟାଣି ଟାଣି ଗ୍ରାମ ବାହାରେ ଥିବା ପୋଖରୀ ନିକଟକୁ ନେଇଥିଲେ। ସେଠାରେ ପୂଜକ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ରଥକୁ ସେଠାରେ ଲୋକେ ଛାଡ଼ି ଚାଲି ଆସିଥିଲେ। ପରେ ଏଠାରେ ବଳି ଦିଆ ଯାଇଥିବା ଛେଳି, ମେଣ୍ଢା ମାଂସ ରାନ୍ଧି ଗ୍ରାମର ସମସ୍ତ ଲୋକ ଏକାଠି ହୋଇ ଭୋଜି କରିଥିଲେ। ଆଦିବାସୀଙ୍କ ଏହି ପରମ୍ପରା ରାଜ ରାଜୁଡା ଅମଳରୁ ପାଳିତ ହୋଇ ଅସୁଛି। ଆଦିବାସୀମାନେ କାମ ଧନ୍ଦାକୁ ନ ଯାଇ ବଡ ନିଷ୍ଠାରେ ଏହି ଯାତ୍ରା ପାଳନ କରିଥାନ୍ତି।


ବିଦ୍ୟାଳୟ ପରିସରରେ ଅତିଥିମାନେ ଚାରା ରୋପଣ କରୁଛନ୍ତି।

## ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଶିଖପାଲ୍ଲୀ,୧୦।୭(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲିସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଚାରା ରୋପଣ କରିଥିଲେ। ତାଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟଅତିଥି ଜିଲା ଶିକ୍ଷା ଅଧିକାରୀ ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲା ବିଜ୍ଞାନ ସଂଯୋଜକ କୃଷ୍ଣଚନ୍ଦ୍ର ବେବ୍ରତା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ଶହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ଖଇରପୁଟ,୧୦।୭(ଡି.ଏନ.ଏ.)

ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ବୁଧବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ସେ ପ୍ରଥମ କରି ଖଇରପୁଟ ଗସ୍ତ କରିଥିବାରୁ ଏହି ଅବସରରେ ବିଡିଓ ବିଶ୍ୱଜିତ୍ ବର୍ମନ ଓ ସମିତି ଅଧକ୍ଷା କୁମୁଦିନୀ କିର୍ସାନି ବିଧାୟକଙ୍କୁ ସ୍ୱାଗତ କରିଥିଲେ। ବ୍ଲକର ୧୧ ପଞ୍ଚାୟତର ୨ଶହ ହିତାଧିକାରୀ କାର୍ଯ୍ୟାଦେଶ ନେଇଥିଲେ। ଖଇରପୁଟର ୩୧ ଜଣ, ଅଣ୍ଡ୍ରାହାଲ ୩, ବଡଡୁରାଲ ୧୫,ଗୋବିନ୍ଦପାଲି ୬,କଦମଗୁଡା ୨୯, କୁଡୁମୁଲୁଗୁମ୍ମା ୧୧, ରାସବେଡା ୫୨ଘୋଡାଘାଟା ୨୫, ପରକାନମାଳା ୪ ଏବଂ ମୁଦୁଲିପଡାର ୪ ଜଣ ହିତାଧିକାରୀଙ୍କୁ ବିଧାୟକ ବାକା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେ ବାଡାବଡମୁଲଗୁମ୍ମା ଗସ୍ତ କରି ସେଠାରେ ଏକ ଯାତ୍ରୀ ବିଶ୍ରାମାଗାରକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଯନ୍ତ୍ରୀ ନଗେନ୍ଦ୍ର ନାଥ ଦାସ, ବିଘ୍ନ କିର୍ସାନି,ସାଧୁ ହନ୍ତାଳ, ଜଗନ୍ନାଥ ମାଝିଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା



ବିଧାୟକ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

## ବିରଳ ପ୍ରଜାତିର ଧଳା ପେଚା ଉଦ୍ଧାର

ମାଲକାନଗିରି,୧୦।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଚିଦାନନ୍ଦ ସାହିରେ ଶତାଧିକ କାଉ ଏକ ବିରଳ ପ୍ରଜାତିର ପେଚାକୁ ଦଳବଦ୍ଧ ଆକ୍ରମଣ କରୁଥିବା ବେଳେ ତାକୁ ଉଦ୍ଧାର କରାଯାଇଛି। ପେଚାଟି ବିପଦରେ ପଡିଥିବା ଦେଖି ଦିବାକର ଭଗବାନ ନାମକ ଜଣେ ବ୍ୟକ୍ତି ମାଲକାନଗିରି ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ପାତ୍ରଙ୍କୁ ଖବର ଦେଇଥିଲେ। ପାତ୍ର ଘଟଣାସ୍ଥଳକୁ ଆସି ପେଚାଟିକୁ ଦଳବଦ୍ଧ କାଉଙ୍କ କବଳରୁ ଉଦ୍ଧାର କରିଥିଲେ। ତେବେ ପେଚାଟିକୁ କାଉଙ୍କ କବଳରୁ ଉଦ୍ଧାର କରିବା ସମୟରେ ପାତ୍ର ତଳେ ପଡି ଯାଇ ଯିବାରୁ ତାଙ୍କ ବାମ ଗୋଡ ଆଙ୍ଗୁଠିରେ ଆଘାତ ହୋଇଥିଲା। କାଉମାନେ ମଧ୍ୟ ପାତ୍ରଙ୍କୁ ଗୋଡାଇ ଆକ୍ରମଣ କରିଥିଲେ। ପରେ ସେ ପେଚାଟିକୁ ନେଇ ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

## ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ

କୋରୁକୋଣ୍ଡା ୧୦।୭ ( ଡି.ଏନ.ଏ.)

ବାଲିମେଳା ଏନଏସିର ୭ ନଂ ୱାର୍ଡରେ ଦୀର୍ଘ ୧୫ ଦିନ ହେଲା ଜଳଯୋଗାଣ ସେବା ବନ୍ଦ ରହିଛି। ଫଳରେ ଲୋକେ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ଏନଏସିର ନାଳ ସଫେଇ କାର୍ଯ୍ୟକ୍ରମ ଜେସିବି ଦ୍ୱାରା କରାଯାଉଛି। ୭ ନଂ .ୱାର୍ଡକୁ ଯାଇଥିବା ପାଇପଲାଇନ ଜେସିବି ଦ୍ୱାରା କଟିଯାଇଛି। ଜଳଯୋଗାଣ ବ୍ୟାହତ ହୋଇଛି। ପାଇପ ଲାଇନକୁ ସଜାଡିବା ଲାଗି ୱାର୍ଡବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି ପ୍ରଶାସନ କିଛି ପଦକ୍ଷେପ ନ ନିଏ ଆମେ ରାସ୍ତାକୁ ଓହ୍ଲାଇବୁ ବୋଲି ୱାର୍ଡବାସୀ କହିଛନ୍ତି।




## ଏମ୍.ଭି.- ୨୩ ଗ୍ରାମରୁ ଅହିରାଜ ଉଦ୍ଧାର



**ମାଲକାନଗିରି, ୧୦।୭ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଏମ୍.ଭି.- ୨୩ ଗ୍ରାମରୁ ମଙ୍ଗଳବାର ଏକ ଅହିରାଜ ସାପ ଉଦ୍ଧାର କରାଯାଇଛି। ଗ୍ରାମରେ ପଶି ସାପଟି ଗୋଟିଏ ଗଛରୁ ଆଉ ଗୋଟିଏ ଗଛକୁ ଯାଉଥିବା ସମୟରେ ଗ୍ରାମବାସୀ ଦେଖି ସ୍ନେକ ହେଲ୍‌ପ ଲାଇନର ସତ୍ୟଜିତ ଗୌଡ, ପ୍ରଦୀପ ଦଣ୍ଡପାଣି ଓ ବାଲରାଜୁ ପୂଜାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ ଘଟଣା ସ୍ଥଳରେ ପହଞ୍ଚି ଗଛ ଉପରକୁ ପାଣି ପକାଇ ସାପକୁ ତଳକୁ ଆଣିବାକୁ ଚେଷ୍ଟା କରିଥିଲେ। ମାତ୍ର ସାପଟି ତଳକୁ ନ ଖସିବାରୁ ଶେଷରେ ଗଛଟିକୁ କଟାଯାଇଥିଲା। ପରେ ସ୍ନେକ ହେଲ୍ପଲାଇନ୍ କର୍ମକର୍ତ୍ତାମାନେ ପହଞ୍ଚି ସାପଟିକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ସାପଟିର ଲମ୍ୱ ୧୧ ଫୁଟ ଓ ଓଜନ ୨୦ କେଜି ଥିବା ଜଣାପଡିଥିଲା। ବନ କର୍ମଚାରୀମାନେ ଏହି ଅହିରାଜକୁ ନିକଟସ୍ଥ ଗୋଇ ପର୍ବତ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି।








12
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ


ଗୁଣପୁର ବଡ଼ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ରାମ ବଳରାମ ବେଶ।


ଗୁଣପୁର ସାନ ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କ ରାମ ଓ ବଳଭଦ୍ରଙ୍କ ବଳରାମ ବେଶ।


ଟିକିରିରେ ତିନି ଠାକୁରଙ୍କ ରାମ ଓ ବଳରାମ ବେଶ ।


ମୁନିଗୁଡାରେ ଶ୍ରୀଜୀଉଙ୍କ ରାମ ଓ ବଳରାମ ବେଶ ।

## ସଂକ୍ଷେପରେ

### ଗଛ ଲଗାଇଲେ ପୋଲିସ,ଛାତ୍ରୀଛାତ୍ର



**ଟିକିରି, ୧୦।୭(ଡି.ଏନ୍.ଏ.)-** ଟିକିରି ଥାନା ପରିସରରେ ବୁଧବାର ଚାରାରୋପଣ କରାଯାଇଛି। ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଟିକିରି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପତ ମାଝି, ବନପାଳ କାମେଶ୍ୱର ଆଚାରୀ, ବଣିକ ସଂଘ ସଭାପତି ମୁନା ବେହେରା, ପ୍ରେସ ୟୁନିନର ମହେନ୍ଦ୍ର କୁମାର ବେହେରା ଓ ଆର୍.କେ. ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଥାନା ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ମଧ ଚାରାରୋପଣ କରିଥିଲେ।

### ଏଟିଏମ୍ ଠକ ଗିରଫ

**ଆସିକା,୧୦।୦୭ (ଡି.ଏନ୍.ଏ.)-** ଏଟିଏମ୍‌କୁ ଟଙ୍କା ଉଠାଣ ପାଇଁ ଯାଉଥିବା ଅନଭିଜ୍ଞ ବ୍ୟକ୍ତିଙ୍କୁ ସାହାଯ୍ୟ ଆଳରେ ଠକୁଥିବା ଜଣେ ବ୍ୟକ୍ତିଙ୍କୁ ଆସିକା ପୋଲିସ ଗିରଫ କରିଛି। ସେ ହେଲେ ଆସିକା ଥାନା ବାବନପୁରର ସନ୍ତୋଷ ପଟ୍ଟନାୟକ। ତାଙ୍କ ପାଖରୁ ୫୯ହଜାର ଟଙ୍କା ଓ ୯ଟି ଜାଲ ଏଟିଏମ୍ କାର୍ଡ ଜବତ ହୋଇଥିବା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବିଷମକଟକ, ୧୦।୭-**ବିଷମକଟକ ବିଦ୍ୟୁତବିଭାଗରେ ଲାଇନମ୍ୟାନଭାବେ କାର୍ଯ୍ୟରତ ଇନ୍ଦିରା କଲୋନୀ ଅଞ୍ଚଳର ଭୁବନ ମାଝି (୩୮) ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରକାଶ ଯେ, ଭୁବନ ପ୍ରତ୍ୟେକ ଦିନ ମଦ ପିଇ ସ୍ତ୍ରୀ ଓ ପିଲାଙ୍କୁ ମାରପିଟ କରନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ କଳହ ଲାଗିଥାଏ। ମଙ୍ଗଳବାର ଦିନ ମଧ ଅନୁରୂପ ଗଣ୍ଡଗୋଳ ହେବାରୁ ଭୁବନଙ୍କ ଶାଶୁ ଓ ଶ୍ୱଶୁର ସେଠାକୁ ଆସି ବୁଝାଶୁଝା କରି ଘଟଣାର ସମାଧାନ କରିଥିଲେ। ସେମାନେ ବୁଧବାର ସକାଳୁ ଚାଲି ଯାଇଥିଲେ। ଶାଶୁଘର ଲୋକ ଚାଲିଯିବା ପରେ ଭୁବନ ଘର ଭିତରେ ପଶି କବାଟ ଦେଇ ଦେଇଥିଲେ। ତାଙ୍କ ସ୍ତ୍ରୀ ଦୁଇ ପିଲାଙ୍କୁ ନେଇ ବିଷମକଟକ ମାର୍କମା ସାହିସ୍ଥିତ ଘରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଇନ୍ଦିରା କଲୋନୀସ୍ଥିତ ଘରକୁ ଆସି କବାଟ ବାଡେଇଥିଲେ। କେହି କବାଟ ନ ଖୋଲିବାରୁ ପଡୋଶୀଙ୍କ ସାହର୍ଯ୍ୟରେ କବାଟ ଭଙ୍ଗାଯାଇଥିଲା। ଏହି ସମୟରେ ଭୁବନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

# ‘ଗଛ ବଞ୍ଚିଲେ, ବିଶ୍ୱ ବଞ୍ଚିବ’

**ରାୟଗଡା ଅଫିସ୍, ୧୦।୭**

‘ଗଛ ବଞ୍ଚିଲେ ବିଶ୍ୱ ବଞ୍ଚିବ’ ସଚେତନତା ବାର୍ତ୍ତା ନେଇ ବୁଧବାର ରାୟଗଡ଼ା ସହର ବ୍ରାହ୍ମଣ ସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରେସ ୟୁନିୟନ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଚାରାରୋପଣ କରାଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଏସ୍‌ପି ଡ. ଶର୍ବଣା ବିବେକ ଏମ୍ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରେସ ୟୁନିୟନ ସଭାପତି ଦୟାନନ୍ଦ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଚାଲ ସଭିଏ ମିଶି ଚାରାରୋପଣ କରିବା, ଆଜି ପୋତିଥିବା ଚାରା ଆସନ୍ତାକାଲି ପାଇଁ ଜୀବନ ସାବ୍ୟସ୍ତ ହେବ ବୋଲି ଜିଲାପାଳ କହିଥିଲେ। ଗଛ ଲଗାଇବା ଏବଂ ତାର ଯତ୍ନନେବାକୁ ଏସ୍‌ପି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ପରେ ସ୍କୁଲ ପରିସରରେ ଛାତ୍ରୀଛାତ୍ର ଏବଂ ଅତିଥି ମିଶି ଚାରାରୋପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ‘ପରିବେଶର ଯତ୍ନ’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ବରିଷ୍ଠବର୍ଗରେ ସିଦ୍ଧାନ୍ତ କୁମାର ପାଳ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ପଙ୍କଜିନୀ ବାତ୍ରିୟା ଏବଂ ସଞ୍ଜନା ବିଡିକା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି କନିଷ୍ଠବର୍ଗରେ ସିରିଶା ପାଲାକା ପ୍ରଥମ, ପ୍ରିୟା ସଗଡିଆ ଦ୍ୱିତୀୟ ଏବଂ ହାରିକାରାଣୀ କୌଶଲ୍ୟା ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ଜିଲାପାଳ ଏବଂ ଏସ୍‌ପି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଇଓ ରଜନୀକାନ୍ତ ସାମନ୍ତରାୟ, ପ୍ରଧାନଶିକ୍ଷକ ରଜନୀକାନ୍ତ ପାଢ଼ୀ, ସହକାରୀ ଶିକ୍ଷକ ଶିବରାମ ମିଶ୍ର, ପଦ୍ମାବତୀ ଶବର, ସେବତୀଲତା ମହାନ୍ତି, ରଜନୀରାଣୀ ଶତପଥୀ ଉପସ୍ଥିତ ଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ମଧ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ଉପଦେଷ୍ଟା ସୁରେଶ ଦାଶ, ସମ୍ପାଦକ ମନୋଜ କୁମାର ସାହୁ, ସଦସ୍ୟ ସୁବାସ ସୂର୍ଯ୍ୟ, ସନ୍ତୋଷ କୁମାର ପାଢ଼ୀ, ପରମାନନ୍ଦ ପ୍ରଧାନ, ପ୍ରଦୀପ ପାତ୍ର, ସର୍ବେଶ୍ୱର ରାଓଙ୍କ ସମେତ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

■ ଜାତୀୟସ୍ତରୀୟ ପ୍ରତିଯୋଗିତା

# ଅନୁଭୂତି ସାଉଣ୍ଟିଲେ ଆୟୁଷ

**ଜେକେପୁର, ୧୦।୭(ଡି.ଏନ୍.ଏ.)**

ରାଷ୍ଟ୍ରୀୟ ପ୍ରଶାସନିକ ସୁଧାର ଏବଂ ଜନ ଅଭିଯୋଗ ବିଭାଗ, ବିଦ୍ୟୁତ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରାଳୟ ଓ ଇନ୍‌ଲେଟ ଇଣ୍ଡିଆ ମିଳିତ ପ୍ରୟାସରେ ଏକ ଜାତୀୟସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଆଇଡିଇଏଟିଇ ଫର୍ ଇଣ୍ଡିଆ ଶୀର୍ଷକ ଏହି ପ୍ରତିଯୋଗୀତାରେ ଲକ୍ଷ୍ମୀପତ ସିଂଘାନିଆ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ର ଆୟୁଷ ବିଶ୍ୱାଳ ଭାଗ ନେଇଥିଲେ। ଟେକ୍ନୋଲୋଜି ବ୍ୟବହାର କରି ଟ୍ରାଫିକ ସମସ୍ୟା ସମାଧାନ ପ୍ରକଳ୍ପ ଆୟୁଷ ପ୍ରତିଯୋଗିତାରେ ଉପସ୍ଥାପନ କରିଥିଲେ। ଏହା ସ୍କୁଲ ପାଇଁ ଗର୍ବର ବିଷୟ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଓ ଶିକ୍ଷୟିତ୍ରୀ ଶିକ୍ଷକ କହିଛନ୍ତି। ପ୍ରକାଶଯେ, ଜୁଲାଇ ୫ରୁ ୮ ତାରିଖ ପର୍ଯ୍ୟନ୍ତ କଲିକତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତରୁ ୯୦ଜଣ ବିଭିନ୍ନ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପୁଅର ଏହି ସଫଳତା ପାଇଁ ଆମେ ଗର୍ବିତ ବୋଲି ଆୟୁଷଙ୍କ ବାପା ବିଶ୍ୱନାଥ ବିଶ୍ୱାଳ କହିଛନ୍ତି।


ଆୟୁଷ ବିଶ୍ୱାଳ ।

# କଲେଜ ପରିସରରେ ଔଷଧୀୟ ଚାରାରୋପଣ

**ମୁନିଗୁଡ଼ା, ୧୦।୭(ଡି.ଏନ୍.ଏ.)**

ମୁନିଗୁଡ଼ା ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ବୁଧବାର ମୁନିଗୁଡ଼ା +୨ କଲେଜ ପରିସରରେ ଚାରାରୋପଣ କରାଯାଇଛି। ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ଦେବାନନ୍ଦ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ମନୋଜ କୁମାର ବେହେରା, ଚତୁର୍ଭୁଜ ବନକର, ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ରୋଜାଲିନ ମଲ୍ଲ, ନିବେଦିତା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ର ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। ଲଗାଯାଇଥିବା ଚାରାର ଉପଯୁକ୍ତ ଯତ୍ନ ନେବାକୁ ଆଇଆଇସି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ଚନ୍ଦ୍ରମା ଶବର, କନଷ୍ଟେବଳ ନିରଞ୍ଜନ ଦାସ, ସନ୍ତୋଷ ପାଢୀ, ରବୀନ୍ଦ୍ର ବିଡିକା, ମହାବିଦ୍ୟାଳୟ କର୍ମଚାରୀ ଶରତ ରତ୍ନାଲୁ, କୁମର ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଚାରାରୋପଣ କରୁଛନ୍ତି।

# ଗାଁ ପୂଜାରେ ଗଣ୍ଡଗୋଳକୁ ନେଇ ଥାନାରେ ମାମଲା

**ଜେକେପୁର, ୧୦।୭ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ସୂରୀ ପଞ୍ଚାୟତ ପୂଝାରୀଗୁଡା ଗାଁରେ ଠାକୁରାଣୀ ମା’ ଝାଙ୍କରୀ ଦେବୀଙ୍କ ପୂଜା ପାଇଁ ଦାନ ଦେବାକୁ ନେଇ ଗଣ୍ଡଗୋଳ ହୋଇଛି। ଏ ନେଇ ମଙ୍ଗଳବାର ଚାନ୍ଦିଲି ଥାନାରେ ଏତଲା ହୋଇଛି।

ପ୍ରକାଶ ଯେ, ଠାକୁରାଣୀଙ୍କ ପୂଜା ପାଇଁ ଗାଁର ଚିନ୍ତାମଣି କଣ୍ଡାଗରୀଙ୍କୁ ମଇଁଷି ଦେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ମଇଁଷି ଦେଇ ପାରିବି ନାହିଁ ବୋଲି ଚିନ୍ତାମଣି କହିବାରୁ ଗାଁର କିଛି ଲୋକ ତାଙ୍କ ସହିତ ଗଣ୍ଡଗୋଳ କରିଥିଲେ। ଏଥିସହ ତାଙ୍କ ପରିବାରକୁ ଧମକ ଚମକ ମଧ ଦେଇଥିଲେ। ଏହି ଘଟଣାକୁ ନେଇ ଗତ ୩୦ ତାରିଖରେ ଶାନ୍ତି କମିଟି ବସିଥିଲା। କିନ୍ତୁ ଏହି ବୈଠକ ଅସଫଳ ହୋଇଥିଲା। ଏହାପରେ ଗାଁର ଲୋକମାନେ ୩ ତାରିଖରେ ଚିନ୍ତାମଣି ତାଙ୍କ ସ୍ତ୍ରୀ ହୀରାବତୀ ଓ ୨ ଝିଅଙ୍କୁ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ୭ ତାରିଖ ଦିନ ଟାଙ୍ଗିଆ, କାତି, ଶାବଳ ଧରି ମାରିବା ପାଇଁ ଜଗି ଥିଲେ। ତେଣୁ ହୀରାବତୀ ବାଧହୋଇ ମଙ୍ଗଳବାର ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି। ୧୧/୧୯ରେ ଗାଁର ୧୭ ଜଣଙ୍କ ନାମରେ ମାମଲା ଦାଏର କରାଯାଇ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କହିଛନ୍ତି।

# ରାୟଗଡ଼ାରେ ‘ସେଲ୍‌ଫିସ୍ ଦିଲ୍’ କଳାକାର, ପ୍ରଯୋଜକ

**ଦର୍ଶକଙ୍କ ସହ ମିଶି ସିନେମା ଦେଖିଲେ, ସେଲ୍‌ଫି ଉଠାଇଲେ**

**ରାୟଗଡା ଅଫିସ୍, ୧୦।୭–**

ରଥଯାତ୍ରା ଅବସରରେ ‘ସେଲଫିସ ଦିଲ୍’ ଓଡ଼ିଆ ସିନେମା ମୁକ୍ତିଲାଭ କରିଛି। ଏହାର ମୁଖ୍ୟ ଅଭିନେତ୍ରୀ, ଅଭିନେତା, ସହ କଳାକାର ଓ ପ୍ରଯୋଜକ ବୁଧବାର ରାୟଗଡ଼ାରେ ପହଞ୍ଚିଥିଲେ। ମୁଖ୍ୟ ଅଭିନେତା ଶ୍ରେୟନ, ଅଭିନେତ୍ରୀ ସୂର୍ଯ୍ୟମୟୀ, ସହଯୋଗୀ କଳାକାର ଶକ୍ତି ବରାଳ, ପ୍ରଯୋଜକ ହେମନ୍ତ ନାୟକ ପ୍ରମୁଖ ରାୟଗଡ଼ାରେ ପହଞ୍ଚିବା ପରେ ଏକ ବିରାଟ ପଟୁଆରରେ ସେମାନଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ରାୟଗଡ଼ାସ୍ଥିତ ହଲ୍‌କୁ ଯାଇ ଦର୍ଶକଙ୍କ ସାଙ୍ଗରେ ମିଶି ସିନେମା ଦେଖିଥିଲେ। ସିନେମା ହଲ୍‌କୁ ଯିବା ପୂର୍ବରୁ ଛାତ ଉପରେ ଠିଆହୋଇ ହାତ ହଲାଇ ସିନେପ୍ରେମୀଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ହଲ୍ ଭିତରେ ଓ ବାହାରେ ସେଲ୍‌ଫି ମଧ ଉଠାଇଥିଲେ। ପ୍ରକାଶଯେ, ପ୍ରଯୋଜକ ହେମନ୍ତ ନାୟକ ଓ ତାଙ୍କ ପୁଅ ଅଭିନେତା ଶ୍ରେୟନ ରାୟଗଡ଼ା ସହରର। ରାୟଗଡାର ପୁଅକୁ ଓଲିଉଡରେ ଦେଖି ଅନେକ ବ୍ୟକ୍ତି ତାଙ୍କର ପ୍ରଶଂସା କରିଛନ୍ତି।


ଦର୍ଶକଙ୍କ ଗହଣରେ ‘ସେଲ୍‌ଫିସ୍ ଦିଲ୍’ର କଳାକାରମାନେ।

■ କାଉନ୍‌ସିଲର ଲକ୍ଷ୍ମୀଦତ୍ତ ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

**ଛତ୍ରପୁର,୧୦।୭(ଡି.ଏନ.ଏ.)**

ଛତ୍ରପୁର ଏନ୍‌ଏସିର ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ଓରଫ ବଚନ୍ ହତ୍ୟା ମାମଲାରେ ଗିରଫ ୨ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଖାରଜ ହୋଇଛି । ବୁଧବାର ଛତ୍ରପୁର ଏଡିଜେ ଶିଖାରାଣୀ ରଥ ଅଭିଯୁକ୍ତ ଦୁର୍ଯ୍ୟୋଧନ ରେଡ୍ଡୀ ଓ ଭି. ଲିଙ୍ଗରାଜ ରେଡ୍ଡୀଙ୍କ ଜାମିନ୍ ଆବେଦନର ଶୁଣାଣି କରି ଏହାକୁ ଖାରଜ କରି ଦେଇଛନ୍ତି। ଦୁର୍ଯ୍ୟୋଧନ ଓ ଲିଙ୍ଗରାଜ ଏବେ ଜେଲ୍‌ରେ ଅଛନ୍ତି। ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା । ଲକ୍ଷ୍ମୀଦତ୍ତଙ୍କ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଛତ୍ରପୁର ପୋଲିସ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟାୟକ୍ରମେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଫେରାର ଅଭିଯୁକ୍ତ ଗିରଫ

**ବୁଗୁଡ଼ା,୧୦।୭(ଡି.ଏନ.ଏ.)**

ପୋକଶୁଙ୍ଗା ଗ୍ରାମରୁ ବୁଧବାର ବୁଗୁଡ଼ା ପୋଲିସ ଜଣେ ଫେରାର୍ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ଜେଲକୁ ପଠାଯାଇଛି। ସେ ହେଲେ ପୋକଶୁଙ୍ଗା ଗ୍ରାମର ଅମର ଜାନି(ପ୍ରଧାନ)। ଏନେଇ ଜିଆର ନଂ. ୧୬୨/୨୦୧୦ରେ ଏକ ମାମଲା ରୁଜୁ ହୋଇଥିଲା। ୨୦୧୦ରେ ପୋକଶୁଙ୍ଗା ଅଞ୍ଚଳରେ କାଜୁତୋଟାକୁ ନେଇ ସୃଷ୍ଟି ହୋଇଥିବା ଗଣ୍ଡଗୋଳ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅମର ଫେରାର ହୋଇଯାଇଥିଲେ।

# ଦିବ୍ୟାଙ୍ଗ ପଦ୍ମିନୀଙ୍କୁ ମିଳୁନି ଭିନ୍ନକ୍ଷମ ଭତ୍ତା

**ଟିକିରି, ୧୦।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ନୂଆସାହି ଅଞ୍ଚଳର ପଦ୍ମିନୀ ବେହେରା(୩୫) ଦିବ୍ୟାଙ୍ଗ। କିନ୍ତୁ ସମସ୍ତ ସରକାରୀ ଯୋଜନା ତାଙ୍କ ପାଖେ ଅପହଞ୍ଚ। ପଦ୍ମିନୀଙ୍କୁ ଏଯାଏ ଭିନ୍ନକ୍ଷମ ଭତ୍ତା ମିଳି ପାରିନାହିଁ। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇ ଥିବାରୁ ପଦ୍ମିନୀଙ୍କ ଚିକିତ୍ସା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁନି।

ପିଲାଟି ଦିନରୁ ପଦ୍ମିନୀ ମୂର୍ଚ୍ଛା ରୋଗରେ ପୀଡିତ ଥିଲେ। ପ୍ରାୟ ସବୁବେଳେ ସେ ମୂର୍ଚ୍ଛା ହୋଇ ପଡୁଥାନ୍ତି। ଏପରି ହେବାରୁ ବିଭିନ୍ନ ସମୟରେ ସେ ଖଣ୍ଡିଆଖାବରା ହୋଇଯାଆନ୍ତି। ଦିନେ ହଠାତ୍ ପଦ୍ମିନୀ ନିଆଁ ପାଖରେ ବେହୋସ୍ ହୋଇପଡିବାରୁ ତାଙ୍କ ଗୋଡ଼ ଆଙ୍ଗୁଠି ସବୁ ପୋଡିଗଲା। ସେବେଠାରୁ ଚଲାବୁଲା କରିବାରେ ତାଙ୍କୁ ବିଶେଷ ଅସୁବିଧା ହେଉଛି। ଧାର ଉଧାର କରି ଅର୍ଥ ଯୋଗାଡ଼ କରି ପରିବାର ଲୋକେ ଚିକିତ୍ସା ପାଇଁ ନେଉଛନ୍ତି। କିନ୍ତୁ କୌଣସି ଲାଭ ହେଉନି। ପଦ୍ମିନୀଙ୍କ ପରିବାର ବିପିଏଲ୍ ଶ୍ରେଣୀଭୁକ୍ତ। ତେଣୁ ଟଙ୍କା ଖର୍ଚ୍ଚ କରି ପଦ୍ମିନୀଙ୍କ ଚିକିତ୍ସା କରାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଭତ୍ତା ପାଇଁ ବାରମ୍ବାର ଆବେଦନ କରୁଛୁ। କାଶୀପୁର ବ୍ଲକ କାର୍ଯ୍ୟାଳୟରେ ହେଉଥିବା ଭତ୍ତା ଆବେଦନ ଶିବିରିକୁ ଝିଅକୁ ନେଇ ଯାଇଥିଲେ ମଧ କୌଣସି ସୁଫଳ ମିଳିନି ବୋଲି ପଦ୍ମିନୀଙ୍କ ବାପା ଭାଗୀରଥି ବେହେରା କହିଛନ୍ତି। ଏ ନେଇ ବିଡିଓ ଦେବଧର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ପଦ୍ମିନୀ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ, ତାହାଲେ ତାଙ୍କୁ ଭତ୍ତା ମିଳିପାରିବ। ପଦ୍ମିନୀଙ୍କ ମେଡିକାଲ କାଗଜପତ୍ର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ପଦ୍ମିନୀ ବେହେରା

# ଗଞ୍ଜେଇ, ମଦ ଜବତ: ୧୧ ଗିରଫ

**ଛତ୍ରପୁର,୧୦।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗତ ୪ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରା ଗଞ୍ଜେଇ, ମଦ ଜବତ ହୋଇଛି। ଏଥିସହ ୧୧ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବୁଧବାର ଅବକାରୀ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏ ନେଇ ୧୨ଟି ମାମଲା ରୁଜୁ କରାଯାଇଛି । ଗିରଫ ୫ଜଣଙ୍କଠାରୁ ୩୭ କି.ଗ୍ରା ଗଞ୍ଜେଇ ସହ ଏକ ସ୍କୁଟି ଜବତ କରାଯାଇଛି। ସେହିପରି ଅନ୍ୟ ଅଭିଯୁକ୍ତଙ୍କଠାରୁ ୪୫୦ ଲିଟର ମଦ ଓ ୨୩୦୦ ଲିଟର ପୋଚ ଜବତ କରାଯାଇଛି ।

# ବର୍ଷେ ହେଲା କାମ କରୁନି ଡିଜିଟାଲଏକ୍ସ-ରେ ମେଶିନ୍

**ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର**

**ଗୁଣପୁର,୧୦।୭(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଛି। ବର୍ଷବର୍ଷ ଧରି ରୋଗୀ ସେବା ପାଇଁ ଉଦ୍ଦିଷ୍ଟ ମେଶିନଗୁଡ଼ିକ ଅଚଳ ହୋଇ ପଡିଛି। ଏହାର ମରାମତି ହେଉ ନ ଥିବାରୁ ରୋଗୀମାନେ ବିଭିନ୍ନ ଅସୁବିଧା ଭୋଗ କରିଛନ୍ତି। ରୋଗୀମାନେ ବାହାର କ୍ଲିନିକ୍ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେଉଛନ୍ତି।

ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜିଟାଲ ଏକ୍ସ-ରେ ମେଶିନ ଅଚଳ ହୋଇପଡିଛି। ଏହି ମେଶିନ ଉପରେ ନିର୍ଭର କରୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ହଇରାଣ ହରକତ ହେବା ସହ ଶୋଷଣର ଶିକାର ହେଉଛନ୍ତି। ସାଧାରଣ ଏକ୍ସ-ରେ ମେଶିନ ଚାଲୁ ରହିଥିଲେ ମଧ ଏହାକୁ ଡାକ୍ତରମାନେ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଡିଜିଟାଲ ଏକ୍ସ-ରେ ଫୋଟ ଉଠାଇବା ପାଇଁ ଅନେକ ପରାମର୍ଶ ଦେଉଛନ୍ତି। ହେଲେ ଡିଜିଟାଲ ଏକ୍ସ-ରେ ମେଶିନ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳ ହୋଇପଡିଛି। ଏପରି ସ୍ଥିତିରେ ଗରିବ ରୋଗୀମାନେ ବେସରକାରୀ କ୍ଲିନିକରେ ଡିଜିଟାଲ ଏକ୍ସ-ରେ ଫଟୋ ଉଠାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଗୋଟିଏ ଫଟୋକୁ ୫୦୦ କିମ୍ବା ତାଠାରୁ ଅଧିକ ଟଙ୍କା ଦେବାକୁ ପଡିଥାଏ। ରୋଗୀ କଲ୍ୟାଣ ସମିତି, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନ କମିଟି ଭଳି ବିଭିନ୍ନ କମିଟି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। କିଛି ମାସ ବ୍ୟବଧାନରେ ଉକ୍ତ କମିଟିଗୁଡ଼ିକର ବୈଠକ ମଧ ହେଉଛି। କିନ୍ତୁ ଏଥିପ୍ରତି କାହାର ନଜର ପଡୁନି। କାହା ସ୍ୱାର୍ଥରେ ମେଶିନ ତିଆରିରେ ବିଳମ୍ବ ହେଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ପଛୁଆ ଗୁଣପୁର, ପଦ୍ମପୁର, ଗୁଡାରୀ ଏବଂ ରାମନାଗୁଡା ଅଞ୍ଚଳର ଲୋକମାନେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏଠାରେ ଡିଜିଟାଲ ଏକ୍ସ-ରେ ମେଶିନ ଅଚଳ ପରିତାପର ବିଷୟ ହୋଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।